# Akashvani, Sambalpur

## SAMBALPURI NEWS EVENING BULLETIN

## 27 November 2025- 7.02 pm- 7.12 pm.

*********************************************

୧- ସମୃଦ୍ଧ ଓଡ଼ିଶା ଗଠନ୍ ହେଇପାର୍ଲେ ବିକଶିତ୍ ଭାରତ୍ ଲାଗି ଶ୍ରେଷ୍ଠ ଅବଦାନ୍ ହେବା - କହେଲେ ରାଷ୍ଟ୍ରପତି ।

- ସପ୍ତଦଶ ବିଧାନ୍‌ସଭାକେ କଲେ ସମ୍ବୋଧନ୍ ।

- ରାଷ୍ଟ୍ରକେ ସବୁନୁ ଉପ୍‌ରେ ରଖିକରି କାମ୍ କର୍‌ବାର୍‌କେ ଜନ ପ୍ରତିନିଧି ମାନ୍‌କୁ ଦେଲେ ଆହ୍ୱାନ୍ ।

୨- ବିଧାନ୍‌ସଭା ନ ଆଏବା କାଏଲ୍ ୨୦୨୫-୨୬ ବଛର୍ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ଶିକ୍ଷକ୍ ବଦ୍‌ଲି ପ୍ରସଙ୍ଗଥି ସାଂସଦ୍ ଆଉ ବିଧାୟକ୍‌ମାନ୍‌କର୍ ସୁପାରିଶ୍ ଆଧାରିତ୍ ରାଜ୍ୟ ସର୍‌କାର୍‌ଙ୍କର୍ ବିଜ୍ଞପ୍ତିକେ ରଦ୍ଦ କଲେ ହାଇକୋର୍ଟ ।

ବିଧାନ୍‌ସଭା ଶୀତ୍‌କାଲୀନ୍ ଅଧିବେଶନ୍  ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ୨୦୩୬ ମସିହାଥି ସ୍ୱତନ୍ତ୍ର ପ୍ରଦେଶ୍ ଗଠନ୍‌ର ଶହେ ବଛର୍ ପୁରା କର୍‌ବା । ଇ ସମିଆତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ହେଇପାର୍‌ଲେ ବିକଶିତ୍ ଭାରତ୍ ଲାଗି ଶ୍ରେଷ୍ଠ ଅବଦାନ୍ ହେବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ସପ୍ତଦଶ ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍‌କେ ଆଏଜ୍ ସମ୍ବୋଧିତ୍ କରିକରି ରାଷ୍ଟ୍ରପତି କହିଛନ୍, ଭାରତ୍ ଆଏଜ୍ ବିଜ୍ଞାନ୍, ମହାକାଶ୍ ବିଜ୍ଞାନ୍, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତା ବାଗିର୍ କ୍ଷେତ୍ରଥି ବହୁତ୍ ଆଗ୍‌କେ ବଢ଼ିପାରିଛେ । ଦେଶେ ସ୍ୱାସ୍ଥ୍ୟ ବ୍ୟବସ୍ଥାଥି ଉନ୍ନତି ହେବାର୍ ସହେତେ ଶିକ୍ଷା ବ୍ୟବସ୍ଥାଥି ଭିଲ୍ ପ୍ରଗତି ହେଇଛେ । ଇଟା ବିକଶିତ୍ ଭାରତ୍‌ର ପ୍ରାକ୍ ପ୍ରସ୍ତୁତି ଆଏ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍ କର୍‌ବାର୍‌କେ ହେଲେ, ରାଷ୍ଟ୍ରକେ ସବୁନୁ ଉପ୍‌ରେ ରଖିକରି କାମ୍ କର୍‌ବାର୍‌କେ ହେବା । ଭାରତ୍ ପୁର୍‌ଥିର୍ ସବୁନୁ ବଡ଼ ଗଣତନ୍ତ୍ର ରାଷ୍ଟ୍ର ଆଏ । ଜନଗଣ ହେଉଛେ ଭାରତ୍‌ର ଭାଗ୍ୟ ବିଧାତା । ଜନପ୍ରତିନିଧି ମାନ୍‌କୁ ଲୋକ୍‌ମାନ୍‌କର୍ ହିତ୍ ଲାଗି କାମ୍ କର୍‌ବାର୍‌କେ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି-୧)

ଶ୍ରୀମତୀ ମୁର୍ମୁ କହିଛନ୍, ଓଡ଼ିଶା ଖାଲି ପ୍ରାଚୀନ୍ ଭୂମିଖଣ୍ଡ କି ଆଧୁନିକ୍ ପ୍ରଦେଶ୍ ନୁହେଁ, ଇଟା ଗୁଟେ ମହତ୍ୱପୂର୍ଣ୍ଣ ସାଂସ୍କୃତିକ୍ ପ୍ରବାହ ଆଏ । ଭାରତ୍‌ର ସଭ୍ୟତାଗତ ମୂଲ୍ୟବୋଧକେ ଓଡ଼ିଶା ପରିଭାଷିତ୍ କରିଛେ ।

ଦେଶର୍ ସ୍ୱାଧୀନତା ସଂଗ୍ରାମ୍ ଆଉ ରାଷ୍ଟ୍ରଗଠନ୍‌ଥି ଓଡ଼ିଶାର୍ ବହୁତ୍ ବଡ଼ ଭୂମିକା ରହିଛେ । ନାରୀ ସଶକ୍ତିକରଣ୍ କ୍ଷେତ୍ରଥି ଭିଲ୍ ରାଜ୍ୟ  ଅଲ୍‌ଗା ମାନ୍‌କର୍ ଲାଗି ଉଦାହରଣ୍ ସାଜିଛେ । ଓଡ଼ିଶା ବିଧାନ୍‌ସଭାଥି ମହିଳା ପ୍ରତିନିଧିତ୍ୱର୍ ଲମ୍ୱା ଇତିହାସ୍ ରହିଛେ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି- ୨)

କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ -ଲୋକ୍‌ମାନ୍‌କର୍ ବିକାଶ୍ ଲାଗି ବହୁତ୍‌ଟେ ଉନ୍ନୟନ୍ ପଦକ୍ଷେପ୍ କାର୍ଯ୍ୟକାରୀ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଓଡ଼ିଶାର୍ ବିକାଶ୍‌କେ ବ୍ରତ ଭାବେ ଗ୍ରହଣ୍ କରିକରି ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଅଧିବେଶନ୍‌କେ ସମ୍ବୋଧିତ୍ କରିକରି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍, ଓଡ଼ିଶା ବିଧାନ୍‌ସଭାକେ ରାଷ୍ଟ୍ରପତି ସମ୍ବୋଧିତ୍ କର୍‌ବାର୍‌ଟା ଗୁଟେ ଐତିହାସିକ୍ ମୁହୂର୍ତ୍ତ ଆଏ । ସେ ସମସ୍ତଙ୍କର୍ ଲାଗି ଗୁଟେ ପ୍ରେରଣାର୍ ଉତ୍ସ ଆନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଓଡ଼ିଶାର୍ ଗଣତାନ୍ତ୍ରିକ୍ ଇତିହାସ୍‌ଥି ଆଝିର୍ ଦିନ୍ ସ୍ୱର୍ଣ୍ଣାକ୍ଷରଥି ଲିପିବଦ୍ଧ

ହେଇକରି ରହେବା । ରାଷ୍ଟ୍ରପତି ଓଡ଼ିଶା ବିଧାନ୍‌ସଭାନୁ ସକ୍ରିୟ ରାଜନୈତିକ୍ ଜୀବନ୍ ମୁଲ୍ କରିଥିଲେ । ତାଙ୍କର୍ ମାର୍ଗଦର୍ଶନ୍ ରାଜ୍ୟ ସର୍‌କାର୍ ଆଉ ଗଣତାନ୍ତ୍ରିକ୍ ବିଧି ବ୍ୟବସ୍ଥାଥି ବିଶ୍ୱାସ୍ ରଖୁଥିବା ସମ୍‌କର୍ ଲାଗି ପ୍ରେରଣାର୍ ଉସ୍ଵ ହେଇକରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍‌ଥି ଆଏଜ୍ ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଦିବଙ୍ଗତ ସଦସ୍ୟମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଗୃହର୍ ନେତା ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ଦିବଙ୍ଗତ ଆଘର୍ ସଦସ୍ୟ ହେମେନ୍ଦ୍ର ପ୍ରସାଦ୍ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ୍ ଆଉ ଓଡ଼ିଶା ପୁଲିସ୍‌ର ଆଘର୍ କନ୍‌ଷ୍ଟେବଲ୍ ସରୋଜ୍ କୁମାର୍ ପ୍ରଧାନ୍‌ଙ୍କର୍ ଉଦ୍ଦେଶ୍ୟଥି ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ । ତାର୍ ଉତ୍‌ରୁ ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍, ଶୋକପ୍ରସ୍ତାବ୍‌କେ ସମର୍ଥନ୍ କଲା ଉତ୍‌ରୁ ଗୃହ ନ ଦିବଂଗତ ସଦସ୍ୟଙ୍କର୍ ଉଦ୍ଦେଶ୍ୟଥି ଶୋକପ୍ରସ୍ତାବ୍ ଆଗତ୍ କରିଥିଲେ ।  ବାଚସ୍ପତି ସୁରମା ପାଢ଼ୀ ଦିବଙ୍ଗତ ସଦସ୍ୟମାନ୍‌କର୍ ଉଦ୍ଦେଶ୍ୟଥି ଶୋକ ପ୍ରକାଶ୍ କର୍‌ବାର୍ ଉତ୍‌ରୁ ଗୁଟେ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ବିଧାନ୍‌ସଭା- ଅତିରିକ୍ତ ବଜେଟ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍‌ଠାନୁ ସପ୍ତଦଶ ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ମୁଲ୍ ହେଇଛେ । ଅଧିବେଶନ୍ ଆଏବା ମାସ ୩୧ ତାରିଖତକ୍ ଚାଲ୍‌ବା । ଇଥି ୨୯ ଟା କାର୍ଯ୍ୟଦିବସ୍ ରହିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଗୃହ ନ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପିଏମ୍ ସ୍କାଏ ରୁଟ୍ କେମ୍ପସ୍ ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ପୁଞ୍ଜିନିବେଶ୍‌କାରୀମାନ୍‌କର୍ ଲାଗି ଭାରତୀୟ ମହାକାଶ୍ କ୍ଷେତ୍ର ଗୁଟେ ଆକର୍ଷଣ୍‌ର କେନ୍ଦ୍ର ଭାବେ ଉଭା ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭାରତୀୟ ମହାକାଶ୍ ଷ୍ଟାର୍ଟଅପ୍ 'ସ୍କାଏ ରୁଟ୍'ର ଇନ୍‌ଫିନିଟି କେମ୍ପସ୍‌କେ ଆଭାସୀ ଜରିଏ ଆଏଜ୍ ଉଦ୍‌ଘାଟନ୍ କର୍‌ବାର୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଭାରତୀୟ ମହାକାଶ୍ କ୍ଷେତ୍ରଥି ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ନିଆଯାଇଛେ । ଶ୍ରୀ ମୋଦୀ କହିଛନ୍, ଆଏବା ବଛର୍ ମାନ୍‌କେ ବିଶ୍ୱ ମହାକାଶ୍ ଅର୍ଥନୀତି ବହୁତ୍ ଜଲ୍‌ଦି ବିକଶିତ୍ ହେବା ଆଉ ଆମର୍ ଦେଶର୍ ଯୁବକ୍‌ମାନ୍‌କର୍ ଲାଗି ବହୁତ୍‌ଟେ ନୂଆଁ ନିଯୁକ୍ତି ତିଆର୍ କର୍‌ବା । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା ୬/୭ ବଛର୍ ଭିତ୍‌ରେ ଭାରତ୍‌ର ମହାକାଶ୍

କ୍ଷେତ୍ର ନୂଆଁ ରୂପ୍ ନେଇଛେ । ଭାରତୀୟ ମହାକାଶ୍ ଭବିଷ୍ୟତ୍ ଲାଗି ୩ ଶହ ଟା ମହାକାଶ୍ ଷ୍ଟାର୍ଟଅପ୍ ନୂଆଁ ସମ୍ଭାବନା ତିଆର୍ କରିଛେ ଆଉ ସ୍କାଏ ରୁଟ୍ ଇନ୍‌ଫିନିଟି କେମ୍ପସ୍ ଇତାର୍ ପ୍ରତିଫଳନ୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା କାଏଲ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ନିରନ୍ତର୍ ପୁନର୍ବାସ୍ ଶିକ୍ଷା କାର୍ଯ୍ୟକ୍ରମ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ଆଉ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍‌ର ମିଲିତ୍ ସହଯୋଗ୍‌ଥି ରାଜ୍ୟସ୍ତରୀୟ ନିରନ୍ତର୍ ପୁନର୍ବାସ୍ ଶିକ୍ଷା କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତିକରଣ୍ ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛୁଆମାନ୍‌କର୍ ପହେଲାନୁ ଠିକ୍ ଭାବେ ଯତନ୍ ଆଉ ଚିକିତ୍ସା କରାଗଲେ, ସେମାନ୍‌କର୍ ଭିନ୍ନକ୍ଷମତାକେ ଆଏତ୍ କରାଯାଇପାର୍‌ବା ବଲି କହିଛନ୍ । ଭିନ୍ନକ୍ଷମ ଲୁକ୍‌କୁ ସହାୟତା ଉପକରଣ୍ ଯୁଗାବାର୍, ସେମାନ୍‌କର୍ ଜୀବିକାଥି ସାହାଜ୍ ଆଉ ସଚେତନତା କାର୍ଯ୍ୟକ୍ରମ୍ ବାଗିର୍ ଭିନ୍ ଭିନ୍ ପଦକ୍ଷେପ୍ ହାତକେ ନିଆଯାଇକରି ସେମାନ୍‌କୁ ଆତ୍ମନିର୍ଭର୍ କର୍‌ବାର୍ ଲାଗି ସର୍‌କାର୍ ଚେରେଷ୍ଟା ଜାରି ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ହାଇକୋର୍ଟ ଶିକ୍ଷକ୍ ବଦ୍‌ଲି କଟକ୍ ସମ୍ବାଦଦାତା

ଶିକ୍ଷକ୍ ବଦ୍‌ଲି ବାବ୍‌ଦେ ସଂସଦ୍ ସଦସ୍ୟ ଆଉ ବିଧାୟକ୍‌ମାନ୍‌କର୍ ସୁପାରିଶ୍‌କେ ନାଇଁ ଗ୍ରହଣ୍ କରାଯାଏ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଏନ୍ତା ସୁପାରିଶ୍ ଅସାମ୍ବିଧାନିକ୍ ଆଏ ବଲି କହେବାର୍ ସହେତେ ହାଇକୋର୍ଟ ଇ ବାବ୍‌ଦେ ସର୍‌କାରୀ ବିଜ୍ଞପ୍ତିକେ ରଦ୍ଦ କରିଛନ୍ । ସେଆଡ଼େ ବିଜ୍ଞପ୍ତି ଆଧାର୍‌ଥି ଏବ୍‌ତକ୍ ବଦ୍‌ଲି ହେଇଥିବା ଶିକ୍ଷକ୍ ଶିକ୍ଷୟିତ୍ରୀ ଇ ଶିକ୍ଷା ବଛର୍ ଶେଷ୍ ହେବାର୍‌ତକ୍ ସେହି ଜାଗା ନ କାମ୍ କର୍‌ବାର୍ ଲାଗି ହାଇକୋର୍ଟ ତାଙ୍କର୍ ରାୟଥି ସ୍ପଷ୍ଟ କରିଛନ୍ । ଶିକ୍ଷା ବଛର୍ ଶେଷ୍ ହେବାର୍ ଉତ୍‌ରୁ ବଦ୍‌ଲି ହେଇଥିବା ଶିକ୍ଷକ୍ ଶିକ୍ଷୟିତ୍ରୀ ନିଜର୍ ଆଘର୍ ଜାଗାକେ ଫିର୍‌ବାର୍ ଲାଗି ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ୧୫ ଝନ୍ ଶିକ୍ଷକ୍, ଶିକ୍ଷୟିତ୍ରୀଙ୍କୁ ବଦ୍‌ଲି କର୍‌ବାର୍ ଲାଗି ସାଂସଦ୍ ଆଉ ବିଧାୟକ୍‌ମାନେ ସୁପାରିଶ୍ କର୍‌ବେ ବଲି ଗଲା ମେ ମାସେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଥିଲା । ଇତାର୍ ବୈଧତାକେ ଚେଲେଞ୍ଜ୍ କରିକରି ଓଡ଼ିଶା ହାଇକୋର୍ଟ ନ ଆଗତ୍ ହେଇଥିବା ଗୁଟେ ମାମ୍‌ଲାର୍ ବିଚାର୍ କରିକରି ହାଇକୋର୍ଟ ଇ ନିର୍ଦ୍ଦେଶ ଦେଇଛନ୍ ।

ବସ୍ ବନ୍ଦ୍ ଡାକରା ପ୍ରତ୍ୟାହୃତ ହି.ସ.

ସାରା ରାଏଜେ ଆଏବା ମାସର୍ ୧ ତାରିଖ୍‌ନୁ ଘରୋଇ ବସ୍ ଚଲାଚଲ୍ ବନ୍ଦ୍ ନିଷ୍ପତିକେ ଘରୋଇ ମାଲିକ୍ ସଂଘ

ପ୍ରତ୍ୟାହାର୍ କରିଛେ । ପରିବହନ୍ ବିଭାଗ୍ ସାଙ୍ଗେ ସଂଘର୍ ଗୁଟେ ପ୍ରତିନିଧି ମଣ୍ଡଳୀ ଆଲୋଚନା ଉତ୍ରୁ ବନ୍ଦ୍ ଡାକ୍ରା ପ୍ରତ୍ୟାହାର୍ କର୍ବାର୍କେ ସଂଘ ତର୍ଫୁ ନିଷ୍ପତି ନିଆଯାଇଛେ । ପୁଲିସ୍ ଯାଂଚ୍ ବ୍ୟବସ୍ଥା ଲାଗୁ ନାଇଁ ହୁଏ ବଲି ପରିବହନ୍ ବିଭାଗ୍ ପ୍ରତିଶ୍ରୁତି ଦେଇଥିବା ସଂଘ କହିଛେ ।

ଜିଏମ୍ୟୁ- ନାକ୍ ମଏନ୍ତା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ କେ 'ଜାତୀୟ ମୂଲ୍ୟାଙ୍କନ ଆଉ ମାନ୍ୟତା ପରିଷଦ୍ -ନାକ୍' ତର୍ଫୁ 'ଏ' ଗ୍ରେଡ୍ ମାନ୍ୟତା ମିଲିଛେ । ଗଲା ଅଗଷ୍ଟ ୧୫ ତାରିଖ୍ ନାକ୍ ଟିମ୍ ବିଶ୍ୱବିଦ୍ୟାଳୟ ଗସ୍ତ କରିଥିଲେ ଆଉ ବିଶ୍ୱବିଦ୍ୟାଳୟର୍ ଥିତି ପର୍ଖିଥିଲେ ।

ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ଆଉ ରାଜ୍ୟ ମହିଳା ଶିଶୁ କଲ୍ୟାଣ୍ ବିଭାଗ୍ ତର୍ଫୁ ଜିଲ୍ଲାପାଳ୍ଙ୍କର୍ କାର୍ଯ୍ୟାଳୟର୍ ସଦ୍ଭାବନା ସଭାଗୃହ ନ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ୍ ମାସ୍ ଉପ୍ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ ।

ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ପୋଷ୍ୟ ସନ୍ତାନ୍ ସଚେତନତା ରଥକେ ଜିଲ୍ଲାପାଲ୍ ଉଦ୍‌ଘାଟନ୍ କରିଛନ୍ । ଇ ରଥ ଜିଲ୍ଲାର୍ କଂଟାମାଲ୍, ହର୍‌ଭଙ୍ଗା ଆଉ ବୌଦ୍ଧ ବ୍ଲକ୍‌ର ଭିନ୍ ଭିନ୍ ଗାଁ ବୁଲିକରି ଲୁକ୍‌କୁ ସଚେତନ୍ କର୍‌ବା ।

ଲକ୍ଷ୍ମୀପୂଜା ସୁବର୍ଣ୍ଣପୁର୍ ସମ୍ବାଦଦାତା

ମଗଶିର୍ ମାସର୍ ଗୁରୁବାର୍ ୪ ନମ୍ବର୍ ପାଲିଥି ସୁବର୍ଣ୍ଣପୁର୍ ଜିଲ୍ଲାର୍ ଘରେ ଘରେ ଆଏଜ୍ ମା' ଲକ୍ଷ୍ମୀଙ୍କର୍ ପାରମ୍ପାରିକ୍ ପୂଜା କରାଯାଇଛେ । ମହିଲାମାନେ ଲକ୍ଷ୍ମୀପୁରାଣ ପାଠ୍ କରିକରି ପରିବାର୍‌ର ସୁଖ୍ ସମୃଦ୍ଧି କାମନା କରିଛନ୍ । ବେଲ୍‌ବୁଡ଼େ ଭିନ୍ ଭିନ୍ ଗାଁ ନ କଲାକାର୍ ମାନ୍‌କର୍ ତର୍‌ଫୁ ଲକ୍ଷ୍ମୀପୁରାଣ ଗୀତିନାଟ୍ୟ ପରିବେଷଣ୍ ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ନୂଆପଡ଼ା - ଭାଲୁ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ସହର୍‌କେ ଭାଲୁମାନେ ପଶି ଆସୁଛନ୍ । ଭାଲୁମାନେ ସହରର୍ ଭିନ୍ ଭିନ୍ କାର୍ଯ୍ୟାଳୟ, ବେଙ୍କ୍ ପାଖେ ବୁଲୁଥିବାର୍

ଦେଖ୍‌ବାର୍‌କେ ମିଳିଛେ । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସେମାନ୍‌କୁ ସୁରକ୍ଷିତ୍ ଜାଗାକେ ଖେଦ୍‌ବାର୍ ଚେରେଷ୍ଟା ଉତ୍‌ରୁ ଭିଲ୍ ବାର୍‌ବାର୍ ସହର୍‌ମୁହାଁ ହଉଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାପମାତ୍ରା କମ୍‌ବାର୍‌ଥି ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍ ଭିତ୍‌ରେ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ କମ୍‌ବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କନ୍ଧମାଲ୍ ଆର୍ କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ ।